# NATIONAL NEWS BULLETIN (ODIA)

## 20 March - 2026

## Evening Bulletin : 7.15 p.m.

******************************

## ମୁଖ୍ୟ ସମ୍ବାଦ

- ଦେଶର ୪୦ ହଜାର କିଲୋମିଟର ଜାତୀୟ ରାଜପଥରେ ଏ.ଆଇ. କ୍ଷମତା ସମ୍ପନ୍ନ ଡାସ୍‌କାମ୍ ମନିଟରିଂ ବ୍ୟବସ୍ଥା କରାଯିବ, ଜାତୀୟ ରାଜପଥ ପ୍ରାଧିକରଣର ସୂଚନା ।
- ଇଲେକ୍ଟ୍ରୋନିକ୍ସ ଏବଂ ଡିଜିଟାଲ୍ ଗଣମାଧ୍ୟମଗୁଡ଼ିକରେ ରାଜନୈତିକ ବିଜ୍ଞାପନକୁ ନିୟନ୍ତ୍ରଣ କରିବା ଲାଗି ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶନାମା ଜାରି ।
- ବେଆଇନ୍ ଅନ୍‌ଲାଇନ୍ ଗେମିଂ ରୋକିବା ଲାଗି ସରକାର ବନ୍ଦ କଲେ ୩୦୦ ଅବୈଧ ଜୁଆ, ବେଟିଂ ୱେବ୍‌ସାଇଟ୍ ଏବଂ ଆପ୍ ।

ଏବଂ

- ବିଦ୍ୟାଳୟ ଛାଡ଼ିଥିବା ଶିଶୁମାନଙ୍କୁ ଚିହ୍ନଟ କରିବା ଏବଂ ପୁନଃ ନାମ ଲେଖାଇବା ପାଇଁ ଦେଶ ବ୍ୟାପି ଆରମ୍ଭ ହେବ ଅଭିଯାନ ।

# ଏନ୍‌ଏଚ୍‌ଏଆଇ-ଏଆଇ

ଭାରତର ଜାତୀୟ ରାଜପଥ ପ୍ରାଧିକରଣ ଏନ୍.ଏଚ୍.ଏ.ଆଇ.’ ପ୍ରାୟ ୪୦ ହଜାର କିଲୋମିଟର ଜାତୀୟ ରାଜପଥ ଅଞ୍ଚଳରେ ଏ.ଆଇ. କ୍ଷମତା ସମ୍ପନ୍ନ ଡାସ୍‌କାମ୍ ମନିଟରିଂ ବ୍ୟବସ୍ଥା ପ୍ରଚଳନ କରିବ । ସଡ଼କ, ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଦେଶର ଜାତୀୟ ରାଜପଥ ଏବଂ ଏକ୍ସପ୍ରେସ୍ ୱେ ଗୁଡ଼ିକରେ ଉଚ୍ଚ ପ୍ରଯୁକ୍ତିବିଦ୍ୟା, ଡାଟା ପରିଚାଳିତ କାର୍ଯ୍ୟ ଏବଂ ପରିଚାଳନାକୁ ତ୍ୱରାନ୍ୱିତ କରିବା ଲାଗି ଏ.ଆଇ. ଏବଂ ମେସିନ୍ ଲର୍ଣ୍ଣିଂ ପଦକ୍ଷେପ ଗ୍ରହଣ କରାଯିବ । ଉଚ୍ଚକ୍ଷମତା ସମ୍ପନ୍ନ ବ୍ୟବସ୍ଥା ଏବଂ ଭିଡ଼ିଓ ଡାଟା ବ୍ୟବହାରକାରୀ ରିମୋଟ୍ ଟ୍ରାକିଂ ଏବଂ ସଡ଼କ ଅବସ୍ଥା ଆକଳନ କରିବା ଲାଗି ଏହି ପ୍ରକଳ୍ପର ଲକ୍ଷ୍ୟ ରହିଛି । ସମସ୍ତ ରାସ୍ତା ଗୁଡ଼ିକର ସାପ୍ତାହିକ ଭାବେ ସର୍ଭେ କରିବା ଲାଗି ରୁଟ୍ ପେଟ୍ରୋଲ୍ ଜାନ  ମାଧ୍ୟମରେ ସ୍ୱତନ୍ତ୍ର ଡାସ୍‌ବୋର୍ଡ୍ କ୍ୟାମେରା ବ୍ୟବହାର କରାଯିବ । କ୍ଷତିଗ୍ରସ୍ତ ଏବଂ ଫିକା ପଡ଼ିଥିବା ଲେନ୍ ମାର୍କିଂକୁ, କ୍ରାସ୍ ବ୍ୟାରିୟସ୍ ଏବଂ କାର୍ଯ୍ୟକାରୀ କରୁନଥିବା ସଡ଼କ ଆଲୋକ ବ୍ୟବସ୍ଥାକୁ ଆକଳନ କରିବା ଲାଗି ମନ୍ତ୍ରଣାଳୟ ପକ୍ଷରୁ ଏପରି ବ୍ୟବସ୍ଥା ଗ୍ରହଣ କରାଯାଇଛି । ମନ୍ତ୍ରଣାଳୟ ପକ୍ଷରୁ ଦେଶର ୫ଟି ଜୋନ୍‌ରେ ବ୍ୟବସ୍ଥିତ ଭାବେ ଡାଟା ମନିଟରିଂ ସୁନିଶ୍ଚିତ କରିବା ଲାଗି ପଦକ୍ଷେପ ଗ୍ରହଣ କରାଯାଇଛି ।

## ପିଏମ୍-ଥାଇଲାଣ୍ଡ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଥାଇଲାଣ୍ଡର ପ୍ରଧାନମନ୍ତ୍ରୀ ଭାବେ ନିର୍ବାଚିତ ହୋଇଥିବା ଅନୁତିନ୍ ଚାର୍ଣ୍ଣଭିରାକୁଲ୍‌ଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ତାଙ୍କ ସହିତ ସେ ନିବିଡ଼ ଏବଂ ବନ୍ଧୁତ୍ୱପୂର୍ଣ୍ଣ ଭାବେ କାର୍ଯ୍ୟ କରିବେ । ଭାରତ-ଥାଇଲାଣ୍ଡ ରଣନୈତିକ ଭାଗିଦାରିତା ସମ୍ପର୍କ ଅଧିକ ସୁଦୃଢ଼ କରିବା ଲାଗି ଉଭୟ କାର୍ଯ୍ୟ କରିବେ ବୋଲି ଶ୍ରୀ ମୋଦୀ କହିଛନ୍ତି । ଉଭୟ ଭାରତ ଏବଂ ଥାଇଲାଣ୍ଡ ନାଗରିକମାନଙ୍କ ପାଇଁ ଶାନ୍ତି, ପ୍ରଗତି ଏବଂ ସମୃଦ୍ଧି ନିମନ୍ତେ ସର୍ବଦା ଏକ ଅଛନ୍ତି ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ତି ।

## ଇସି-ପଲିଟିକାଲ୍

ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଇଲେକ୍ଟ୍ରୋନିକ୍ସ ଏବଂ ଡିଜିଟାଲ୍ ଗଣମାଧ୍ୟମଗୁଡ଼ିକରେ ରାଜନୈତିକ ବିଜ୍ଞାପନକୁ ନିୟନ୍ତ୍ରଣ କରିବା ଲାଗି ନିର୍ଦ୍ଦେଶନାମା ଜାରି କରାଯାଇଛି ।

ନିର୍ଦ୍ଦେଶନାମା ଅନୁଯାୟୀ ସମସ୍ତ ରାଜନୈତିକ ଦଳ, ପ୍ରାର୍ଥି ଏବଂ ବ୍ୟକ୍ତିଗତ କିମ୍ବା ସଂଗଠନ ଗୁଡ଼ିକ ଗଣମାଧ୍ୟମରେ ପ୍ରଚାର କିମ୍ବା ପ୍ରସାର କରିବା ପୂର୍ବରୁ ବିଜ୍ଞାପନ ଗୁଡ଼ିକୁ ଅନୁମୋଦନ କରିବା ଉଚିତ୍ । ମିଡିଆ ସାର୍ଟିଫିକେସନ୍ ଏବଂ ମନିଟରିଂ କମିଟି ଏମ୍‌ସି.ଏମ୍‌ସି. ଦ୍ୱାରା

ବିଜ୍ଞାପନଗୁଡ଼ିକ ଅନୁମୋଦନ ହେବା ଉଚିତ୍ ବୋଲି ଆୟୋଗ ପକ୍ଷରୁ ସ୍ପଷ୍ଟିକରଣ ଦିଆଯାଇଛି । ଟେଲିଭିଜନ୍, ରେଡ଼ିଓ, ସାର୍ବଜନୀନ ପ୍ରଦର୍ଶନ ସ୍କ୍ରିନ୍, ଇ-ପେପର, ଏସ୍.ଏମ୍.ଏସ୍., ଭଏସ୍ ମେସେଜ୍ ଏବଂ ସାମାଜିକ ଗଣମାଧ୍ୟମ ପ୍ଲାଟ୍‌ଫର୍ମଗୁଡ଼ିକରେ ପ୍ରଚାରିତ କରାଯାଉଥିବା ବିଜ୍ଞାପନ ଗୁଡ଼ିକରେ ଏହି ନିୟମ ଲାଗୁ କରାଯିବ । ପ୍ରାର୍ଥି ଏବଂ ବ୍ୟକ୍ତି ବିଶେଷ ଜିଲ୍ଲା ଏମ୍‌ସି.ଏମ୍‌ସି କାର୍ଯ୍ୟାଳୟରୁ ଏହି ପ୍ରମାଣନ ସଂଗ୍ରହ କରିବା ପାଇଁ ଆବେଦନ କରିପାରିବେ । ଇତିମଧ୍ୟରେ ରାଜ୍ୟ କିମ୍ବା କେନ୍ଦ୍ର ଶାସିତ ଅଞ୍ଚଳର ରାଜନୈତିକ ଦଳଗୁଡ଼ିକ ରାଜ୍ୟସ୍ତରୀୟ ଏମ୍‌ସି.ଏମ୍‌ସି କାର୍ଯ୍ୟାଳୟରେ ଆବେଦନ କରିପାରିବେ ।

ନିର୍ଦ୍ଧାରିତ ସମୟ ମଧ୍ୟରେ ଦରଖାସ୍ତଗୁଡ଼ିକ ଦାଖଲ କରିବା ପାଇଁ ନିର୍ବାଚନ ଆୟୋଗ ପକ୍ଷରୁ କୁହାଯାଇଛି । ସାର୍ଟିଫିକେଟ୍ ହାସଲ ପୂର୍ବରୁ କୌଣସି ରାଜନୈତିକ ବିଜ୍ଞାପନ ଇଣ୍ଟରନେଟ୍ ଭିତ୍ତିକ ମିଡିଆ କିମ୍ବା ୱେବ୍‌ସାଇଟ୍ ସାମାଜିକ ଗଣମାଧ୍ୟମରେ ପ୍ରସାରଣ କରାଯରାଇପାରିବ ନାହିଁ ବୋଲି ଆୟୋଗ ପକ୍ଷରୁ କୁହାଯାଇଛି ।

# ଗୋୟଲ୍-ଡବ୍ଲ୍ୟୁଟିଓ

ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ ଚଳିତ ମାସ ୨୬ ରୁ ୨୯ ତାରିଖ ପର୍ଯ୍ୟନ୍ତ କ୍ୟାମେରୁନ୍‌ରୁ ୱେଣ୍ଡେ ହେବାକୁ ଥିବା ବିଶ୍ୱ ବାଣିଜ୍ୟ ସଂଗଠନର ଚତୁର୍ଦ୍ଦଶ ମନ୍ତ୍ରୀ ସ୍ତରୀୟ ସମ୍ମିଳନୀ ବୈଠକରେ ଭାରତୀୟ

ପ୍ରତିନିଧି ମଣ୍ଡଳୀର ନେତୃତ୍ୱ ନେବେ । ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ମନ୍ତ୍ରୀ ସ୍ତରୀୟ ବୈଠକରେ ବିଶ୍ୱ ବାଣିଜ୍ୟ ସଂଗଠନକୁ ଅଧିକ ସୁଦୃଢ଼ କରିବା ଲାଗି ଭାରତ ପଦକ୍ଷେପ ଗ୍ରହଣ କରିବ । ଏହି ସଂଗଠନ ବିଶ୍ୱ ବାଣିଜ୍ୟ ପ୍ରକ୍ରିୟା ତ୍ୱରାନ୍ୱିତ କରିବା ଲାଗି ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ଭାରତ ବୈଠକରେ ଇ-ବାଣିଜ୍ୟ ଯୋଗାଯୋଗ, ମତ୍ସ୍ୟ କ୍ଷେତ୍ରରେ ରିହାତି ଏବଂ ବିଭିନ୍ନ ବିକାଶ ମୂଳକ ବୁଝାମଣା ପାଇଁ ପୁଞ୍ଜି ବିନିଯୋଗ ବ୍ୟବସ୍ଥା ଆଦି ବିଷୟରେ ମତ ଉପସ୍ଥାପନ କରିବ । ଟ୍ରମ୍ପ୍ ପ୍ରଶାସନ ଦ୍ୱାରା ଶୁଳ୍କ ଲାଗୁ ନେଇ ଡବ୍ଲ୍ୟୁ.ଟି.ଓ. ସଦସ୍ୟ ରାଷ୍ଟ୍ରଗୁଡ଼ିକ ସହ ଆଲୋଚନା ହେବ ।

## ଶିବରାଜ-ଏଗ୍ରିକଲଚର ମିଟିଂ

କେନ୍ଦ୍ର କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଆଜି ନୂଆଦିଲ୍ଲୀ ଠାରେ ବରିଷ୍ଠ ଅଧିକାରୀମାନଙ୍କ ସହ ସମଗ୍ର ଦେଶରେ କୃଷି ପରିସ୍ଥିତିର ସମୀକ୍ଷା କରିଛନ୍ତି । କେତେକ ରାଜ୍ୟରେ ଅନିୟମିତ ବର୍ଷା ଏବଂ କୁଆପଥର ମାଡ଼ ଯୋଗୁଁ ଫସଲ ନଷ୍ଟ ହୋଇଥିବା ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା ।

ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ଚୌହାନ କହିଛନ୍ତି, କ୍ଷତିଗ୍ରସ୍ତ ଫସଲର ତୁରନ୍ତ ସର୍ଭେ କରାଯାଇ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ

ଗ୍ରହଣ କରିବାକୁ ବିଭାଗୀୟ କର୍ମକର୍ତ୍ତାମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି କ୍ଷତିଗ୍ରସ୍ତ କୃଷକମାନଙ୍କୁ ମଧ୍ୟ ଖୁବ୍ ଶୀଘ୍ର ରିଲିଫ୍ ପ୍ରଦାନ ସୁନିଶ୍ଚିତ କରିବା ଲାଗି କୁହାଯାଇଛି । କୃଷକମାନେ ଯେପରି ସେମାନଙ୍କ ଉତ୍ପାଦିତ ସାମଗ୍ରୀର ଉଚିତ୍ ମୂଲ୍ୟ ପାଇପାରିବେ ସେଥିନିମନ୍ତେ ସର୍ବନିମ୍ନ ସହାୟତା ଦର ପ୍ରଦାନ ସୁନିଶ୍ଚିତ କରିବା ଲାଗି ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସକାଶେ ମନ୍ତ୍ରୀ ଶ୍ରୀ ସିଂହ କହିଛନ୍ତି । ଆଗାମୀ ଖରିଫ୍ ଋତୁ ପାଇଁ ଦେଶର ବିଭିନ୍ନ ଅଞ୍ଚଳରେ ଆଞ୍ଚଳିକ ସମ୍ମିଳନୀ ଆୟୋଜନ କରିବା ଲାଗି ନିଷ୍ପତ୍ତି ଗ୍ରହଣ କରାଯାଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି ।

## ଆପ୍ ବ୍ଲକ୍ସ

ବେଆଇନ୍ ଅନ୍‌ଲାଇନ୍ ଗେମିଂ କାର୍ଯ୍ୟକଳାପ ଉପରେ ନିରନ୍ତର କାର୍ଯ୍ୟାନୁଷ୍ଠାନ ସ୍ୱରୂପ ସରକାର ୩୦୦ ଅବୈଧ ଜୁଆ, ବେଟିଂ ୱେବ୍‌ସାଇଟ୍ ଏବଂ ଆପ୍ଲିକେସନ୍‌କୁ ବନ୍ଦ କରିଛନ୍ତି । ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଏହି ପ୍ଲାଟ୍‌ଫର୍ମରେ ଅନ୍‌ଲାଇନ୍ ସ୍ପୋର୍ଟସ୍ ବେଟିଂ ୱେବ୍‌ସାଇଟ୍, ସ୍ଲଟ୍, ରୁଲେଟ ଏବଂ ଲାଇଭ୍ ଡିଲର ଟେବୁଲ୍ ପ୍ରଦାନ କରୁଥିବା ଅନ୍‌ଲାଇନ୍ କେସିନୋ ଏବଂ ସମକକ୍ଷ ବଜାର ସ୍ଥାନ ଭାବରେ କାର୍ଯ୍ୟ କରୁଥିବା ବେଟିଂ ଏକ୍ସଚେଞ୍ଜ

ଅନ୍ତର୍ଭୁକ୍ତ । ରିୟଲ୍ ମନିକାର୍ଡ଼ ଏବଂ କେସିନୋ ଗେମିଂ ଆପ୍ଲିକେସନ୍ ସହିତ ସଟ୍ଟା ଏବଂ ମଟକା ଜୁଆ ନେଟ୍‌ୱାର୍କ ବିରୁଦ୍ଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଇତିମଧ୍ୟରେ ପାଖାପାଖି ୮ହଜାର ୪୦୦ ୱେବ୍‌ସାଇଟ୍ ବନ୍ଦ ହୋଇଥିବା ମନ୍ତ୍ରଣାଳୟ ସ୍ପଷ୍ଟ କରିଛି । ମନ୍ତ୍ରଣାଳୟ ଆହୁରି କହିଛି, ଅନ୍‌ଲାଇନ୍ ଗେମିଂ ଆଇନ୍‌ର ପ୍ରଣୟନ ହେବା ପରେ ଏଥିମଧ୍ୟରୁ ପ୍ରାୟ ୪ ହଜାର ୯୦୦କୁ ହଟାଇ ଦିଆଯାଇଥିଲା ।

## ନ୍ୟାସନାଲ୍ ଡ୍ରାଇଭ୍-ଓପନ୍ ସ୍କୁଲ୍

କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଦ୍ୟାଳୟ ଛାଡ଼ିଥିବା ଶିଶୁମାନଙ୍କୁ ଚିହ୍ନଟ କରିବା ଏବଂ ସେମାନଙ୍କୁ ପୁନଃ ନାମ ଲେଖାଇବା ପାଇଁ ଦେଶ ବ୍ୟାପି ଅଭିଯାନ ଆରମ୍ଭ କରାଯିବ । ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ୨୦୩୦ ମସିହା ସୁଦ୍ଧା ଜାତୀୟ ଶିକ୍ଷାନୀତି ଆଧାରରେ ପ୍ରାଥମିକ ବିଦ୍ୟାଳୟରୁ ମାଧ୍ୟମିକ ବିଦ୍ୟାଳୟ ସ୍ତର ପର୍ଯ୍ୟନ୍ତ ଶତ ପ୍ରତିଶତ ନାମ ଲେଖା ଅନୁପାତ ହାସଲ କରିବା ଲାଗି ଏହି ଅଭିଯାନର ଲକ୍ଷ୍ୟ ରହିଛି ।

ଅର୍ଥନୈତିକ, ସାମାଜିକ ଏବଂ ଭୌଗଳିକ ଦୂରାବସ୍ଥା ଯୋଗୁଁ ଶିଶୁମାନେ ବିଦ୍ୟାଳୟରେ ଅଧାରୁ ପାଠ ଛାଡ଼ି ଦେଉଛନ୍ତି । ଏହି ମୁକ୍ତ ବିଦ୍ୟାଳୟ ବ୍ୟବସ୍ଥା ମାଧ୍ୟମରେ ଶିଶୁମାନଙ୍କୁ ପୁନଃ ବିଦ୍ୟାଳୟରେ ସାମିଲ

କରିବା ଲାଗି ପଦକ୍ଷେପ ଗ୍ରହଣ କରାଯାଉଛି । ବିଦ୍ୟାଳୟ ଶିକ୍ଷା ପ୍ରଦାନ କ୍ଷେତ୍ରରେ ଗୁଣାତ୍ମକ ଶିକ୍ଷା ସୁଦୃଢ଼ କରିବା ଏବଂ ମୁକ୍ତ ବିଦ୍ୟାଳୟ ବ୍ୟବସ୍ଥାର ଉନ୍ନତିକରଣ ନିମନ୍ତେ ମନ୍ତ୍ରଣାଳୟ ପକ୍ଷରୁ ଏପରି ନିଷ୍ପତ୍ତି ଗ୍ରହଣ କରାଯାଇଛି । ଦେଶରେ ୧୦ ହଜାରରୁ ଊର୍ଦ୍ଧ୍ୱ ଅଧ୍ୟୟନ ଏବଂ ପରୀକ୍ଷା କେନ୍ଦ୍ର ରହିଛି । ସେହିପରି ଜାତୀୟ ମୁକ୍ତ ବିଦ୍ୟାଳୟ ସଂସ୍ଥାନ ମାଧ୍ୟମରେ ବହୁ ସଂଖ୍ୟକ ପିଲାମାନଙ୍କୁ ବିଶେଷ କରି ସାମାଜିକ, ଅର୍ଥନୈତିକ ଏବଂ ବ୍ୟକ୍ତିଗତ ପରିସ୍ଥିତି ଦ୍ୱାରା ପ୍ରଭାବିତ ବିଦ୍ୟାର୍ଥୀମାନଙ୍କୁ ଶିକ୍ଷା ପ୍ରଦାନର ମୁଖ୍ୟ ସ୍ରୋତରେ ସାମିଲ କରାଯାଇପାରିବ ।

## ୱେଷ୍ଟଏସିଆ-ଡେଲି ବ୍ରିଫ୍

ଦେଶର ସମସ୍ତ ତୈଳ ବିଶୋଧନାଗାରରେ ପର୍ଯ୍ୟାପ୍ତ ଅଶୋଧିତ ତୈଳ ମହଜୁଦ୍ ରହିବା ସହ ଅଧିକ କ୍ଷମତାପନ୍ନ ଭାବେ କାର୍ଯ୍ୟ କରୁଛି ବୋଲି ସରକାର ସୁନିଶ୍ଚିତ କରିଛନ୍ତି । ଘରୋଇ ଏଲ୍.ପି.ଜି. ଉତ୍ପାଦନ ଠିକ୍ ରହିଛି ଏବଂ ପର୍ଯ୍ୟାପ୍ତ ଷ୍ଟକ୍ ମହଜୁଦ୍ ରହିଥିବା ସରକାରଙ୍କ ପକ୍ଷରୁ ସ୍ପଷ୍ଟିକରଣ ଦିଆଯାଇଛି । ନୂଆଦିଲ୍ଲୀ ଠାରେ ପଶ୍ଚିମ ଏସିଆ ପରିସ୍ଥିତି ସମ୍ପର୍କରେ ଆନ୍ତଃ ମନ୍ତ୍ରଣାଳୟର ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟର ଯୁଗ୍ମ ସଚିବ ସୁଜାତା ଶର୍ମା କହିଛନ୍ତି, ଗତ ସପ୍ତାହରେ ୧୧ ହଜାର ୩୦୦ ଟନ୍ ବ୍ୟବସାୟିକ

ଏଲ୍.ପି.ଜି. ଖାଉଟିମାନଙ୍କୁ ଯୋଗାଇ ଦିଆଯାଇଛି । ସେହିପରି ଘରୋଇ ଏଲ୍.ପି.ଜି. ଉତ୍ପାଦନ ୪୦ ପ୍ରତିଶତ ବୃଦ୍ଧି ପାଇଛି ବୋଲି ସେ କହିଛନ୍ତି ।

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି, ପଶ୍ଚିମ ଏସିଆ ବିବାଦୀୟ ପରିସ୍ଥିତି, ଉତ୍ତେଜନା ହ୍ରାସ ଏବଂ ଶାନ୍ତି ବଜାୟ ରଖିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓମାନ୍, ମାଲେସିଆ, ଫ୍ରାନ୍ସ, ଜୋର୍ଡ଼ାନ୍ ଏବଂ କତାରର ନେତାମାନଙ୍କ ସହ ଆଲୋଚନା କରିଛନ୍ତି ।

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ଯୁଗ୍ମ ସଚିବ ଅଶିମ୍ ମହାଜନ କହିଛନ୍ତି, ଗତକାଲି ଇରାକ୍‌ରୁ ଉଦ୍ଧାର କରାଯାଇଥିବା ସେଫ୍‌ସି ବିଷ୍ଣୁ ଜାହାଜର ୧୫ ଜଣ ଭାରତୀୟ ନାବିକ ସୁରକ୍ଷିତ ଭାବେ ଆଜି ଭାରତକୁ ଫେରିବାର ସମ୍ଭାବନା ରହିଛି ।

## ବ୍ୟାଡ୍‌ମିଣ୍ଟନ

ଓର୍ଲିୟାନ୍ସ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟରେ ଭାରତର ଅର୍ଜୁନ ମାଡାଥିଲ୍ ରାମଚନ୍ଦ୍ରନ୍ ଏବଂ ହରିହରନଙ୍କ ଯୋଡ଼ି ଇଣ୍ଡୋନେସିଆର ବାଗସ୍ ମୌଲାନା ଏବଂ ଲିଓ କାର୍ଣ୍ଣାଣ୍ଡୋଙ୍କ ଯୋଡ଼ିଠାରୁ ୧୨-୨୧, ୨୦-୨୨ ସେଟ୍‌ରେ ପରାସ୍ତ ହୋଇଛି । ଆଜି ଅପରାହ୍ଣରେ ଫ୍ରାନ୍ସର ପାଲାଇସ୍ ଦେସ୍ ସ୍ପୋର୍ଟସ୍ ଠାରେ ପୁରୁଷ ଡବଲ୍ସ କ୍ୱାର୍ଟର ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ସେହିପରି ଆଜି ଅପରାହ୍ଣରେ ଅନୁଷ୍ଠିତ ମହିଳା ସିଙ୍ଗଲ୍ସ

କ୍ୱାର୍ଟରଫାଇନାଲ୍ ମ୍ୟାଚ୍‌ରେ ଭାରତର ତନ୍‌ଭୀ ଶର୍ମା ଜାପାନ୍‌ର ନାଟସୁକି ନିଦାଇରାଙ୍କୁ ୨୧-୧୪, ୨୧-୧୪ ସେଟ୍‌ରେ ପରାସ୍ତ କରି ସେମିଫାଇନାଲ୍‌କୁ ଉନ୍ନିତ ହୋଇଛନ୍ତି ।